## କାଠ ସହ ଟ୍ରାକ୍ଟର ଜବତ

ଭଞ୍ଜନଗରଛ,(ଡି.ଏନ୍.ଏ.)ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଓ ଦକ୍ଷିଣ ଘୁମୁସର ବନଖଣ୍ଡ ସୋରଡ଼ା ବନାଞ୍ଚଳ କର୍ମଚାରୀ ଏବଂ ସୋରଡ଼ା ପୋଲିସ ପକ୍ଷରୁ ଗୁରୁବାର ରାତିରେ ବାଦୁଆପଲ୍ଲୀରେ ଚଢ଼ାଉ କରାଯାଇ ୩୪ଖଣ୍ଡ ଶାଳ ସାଇଜ କାଠ ଓ ୮ ଖଣ୍ଡ କଷି କାଠ ସହ ଏକ ଟ୍ରାକ୍ଟର ଜବତ କରାଯାଇଛି । ଗାଡ଼ି ଚାଳକ ଫେରାର ହୋଇଯାଇଥିବାରୁ ତାଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଛି । କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା ଓ ରଗଡ଼ା ବନପାଳ ଜୀବାନନ୍ଦ ତ୍ରିପାଠୀ ଚଢ଼ାଉର ନେତୃତ୍ୱ ନେଇଥିଲେ।

# ଆଜିଠୁ ଗଞ୍ଜାମର ୧୮ ସହରାଞ୍ଚଳରେ ରାତ୍ରି କର୍ଫ୍ୟୁ

**ଛତ୍ରପୁର,୧୬।୪(ଡି.ଏନ.ଏ)**

## କଡ଼ାକଡ଼ି ପାଳନ ନେଇ ଜିଲାପାଳ, ଏସ୍‌ପିଙ୍କ ନିର୍ଦ୍ଦେଶ

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ରାତ୍ରି କର୍ଫ୍ୟୁ ଗାଇଡଲାଇନ୍‌କୁ ଗଞ୍ଜାମ ଜିଲାର ସମସ୍ତ ସହରାଞ୍ଚଳରେ କଡ଼ାକଡ଼ି ପାଳନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଶନିବାରଠାରୁ ଜିଲାର ସମସ୍ତ ୧୮ ସହରାଞ୍ଚଳରେ ରାତି ୯ରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ଲାଗୁ ହେବ । ମୁଖ୍ୟ ଶାସନ ସଚିବ ଭିଡିଓ କନଫରେନ୍ସରେ ଜିଲାର କୋଭିଡ୍ ସ୍ଥିତି ସମୀକ୍ଷା କରିଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଧାର୍ମିକ ଅନୁଷ୍ଠାନ, ପାର୍କ, ବେଳାଭୂମି, ତାମ୍ପରା ଆଦିକୁ ସର୍ବସାଧାରଣଙ୍କ ପ୍ରବେଶ ମନା ହୋଇଥିବା ବେଳେ ଆଗକୁ ମଧ ଏହି କଟକଣା ଜାରି ରହିବ । ଯଦି କୌଣସି ସ୍ଥାନରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାର ସୂଚନା ମିଳିବ ସେଠାରେ ମିନି କଣ୍ଟେନମେଣ୍ଟ ଘୋଷଣା ହେବ ବୋଲି ଜିଲାପାଳ କହିଛନ୍ତି । ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଆସିଛି। ଏହି ପରିପ୍ରେକ୍ଷୀରେ ଏମକେସିଜି କୋଭିଡ୍ ହସ୍ପିଟାଲ ଓ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇଁ ପୁଣି ସମୀକ୍ଷା କରୁଛୁ ବୋଲି ଜିଲାପାଳ କହିଛନ୍ତି । ହିଞ୍ଜିଳି, ଭଞ୍ଜନଗର, ଆସିକା ଓ ସିଟି ହସ୍ପିଟାଲ କୋଭିଡ୍ କେୟାର ସେଣ୍ଟରରେ ଅକ୍ସିଜେନ୍‌ରହିତ ଶଯ୍ୟା ବ୍ୟବସ୍ଥା ହୋଇଛି। ଜିଲାରେ କୋଭିଡ୍ ନିୟମ ପାଳନ ନେଇ ଏନଫୋର୍ସମେଣ୍ଟକୁ ଜୋର୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାସ୍କ ନ ପିନ୍ଧିଲେ ଓ ଦୋକାନୀ ପଞ୍ଚସୂତ୍ରୀ ନିୟମ ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଗତବର୍ଷ କରୋନାର ପ୍ରଥମ ଲହରରେ ଟିମ୍ ୱାର୍କ କରି ଭଲ କାମ କରିବାରୁ ଗଞ୍ଜାମରେ କରୋନା ନିୟନ୍ତ୍ରଣକୁ ଆସିଥିଲା । ତେଣୁ ସମସ୍ତେ ସତର୍କ ରହିବା ସହ ଗାଇଡଲାଇନ୍ ପାଳନ କରିବାକୁ ଜିଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ବ୍ରହ୍ମପୁରରେ ଟେଲିମେଡିସିନ୍ ବ୍ୟବସ୍ଥା ଆରମ୍ଭ ହୋଇଛି । ପଜିଟିଭ୍ ଥିବା ବ୍ୟକ୍ତି ମୋବାଇଲ୍ ଫୋନ୍ କିମ୍ବା ଭିଡିଓ କଲରେ ଡାକ୍ତର ପରାମର୍ଶ ନେଇପାରିବେ । ଏଥିସହ ସେମାନଙ୍କୁ କାଉନସେଲିଂ କରାଯିବ। ଆବଶ୍ୟକ ହେଲେ ମେଡିକାଲ ସେବା ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି । ଗିରିଶୋଳାଠାରେ ଗଞ୍ଜାମ ବର୍ଡର ଚେକ୍‌ପୋଷ୍ଟ କାର୍ଯ୍ୟକ୍ଷମ ହୋଇଛି । ବ୍ରହ୍ମପୁର ରେଲୱେ ଷ୍ଟେଶନରେ ଯିଏ ବି ପ୍ରବାସୀ ଓହ୍ଲାଉଛନ୍ତି ତାଙ୍କର ସ୍ୱାସ୍ଥ୍ୟ ସ୍କ୍ରିନିଂ ସହ ପଞ୍ଜୀକରଣ କରାଯାଉଛି । ପରେ ସମ୍ପୃକ୍ତ ଅଞ୍ଚଳର ବିଡିଓ ଓ ଏନ୍‌ଏସି ନିର୍ବାହୀଅଧିକାରୀଙ୍କୁ ସେମାନଙ୍କ ତଥ୍ୟ ଦିଆଯାଉଛି । ପ୍ରବାସୀଙ୍କୁ ହୋମ୍ ଆଇସୋଲୋଶନରେ ରଖାଯାଉଛି । ଏହାର ତଦାରଖ କରାଯାଉଛି ବୋଲି ଜିଲାପାଳ କହିଛନ୍ତି । ଏଥିସହ ଗାଁ ଓ ସହରରେ ମଧ ପ୍ରବାସୀ ମାନଙ୍କର ପଞ୍ଜୀକରଣ କରାଯାଉଛି। କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିବା ଜିଲାପାଳ କହିଛନ୍ତି। ସହରାଞ୍ଚଳରେ ରାତ୍ରି କର୍ଫ୍ୟୁକୁ ମନିଟରିଂ ଓ ତଦାରଖ କରିବା ପାଇଁ ଗଞ୍ଜାମ ପୋଲିସ ଜିଲାର ଅତିରିକ୍ତ ଏସ୍‌ପି ଓ ସମସ୍ତ ଡିଏସପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପି ବ୍ରିଜେଶ କୁମାର ରଏ କହିଛନ୍ତି । ଏହାକୁ ସମସ୍ତ ଥାନାର ଆଇଆଇସିମାନେ କାର୍ଯ୍ୟକାରୀ କରିବେ । ମାସ୍କ , ସାମାଜିକ ଦୂରତା ଯାଞ୍ଚ ସହ ଗହଳି ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି। କରୋନାକୁ ନିୟନ୍ତ୍ରଣ କରିବାରେ ସଫଳ ହେବୁ ବୋଲି ଏସପି କହିଛନ୍ତି ।

# ହରିଡ଼ାପଦରର ୨ ସାହି ମିନି କଣ୍ଟେନମେଣ୍ଟ ଜୋନ୍



ସାହି ପ୍ରବେଶ ପଥରେ ବାଉଁଶ ବନ୍ଧାଯାଇଛି ।

**ଆସିକା,୧୬।୪(ଡି.ଏନ୍.ଏ.)**

ଆସିକା ବ୍ଲକ ହରିଡାପଦର ପଞ୍ଚାୟତ ହରିଡାପଦର ଗ୍ରାମର ନୂଆସାହି ଓ ବ୍ରାହ୍ମଣସାହି ମିନି କଣ୍ଟେନମେଣ୍ଟ ଜୋନ ହୋଇଛି। ଏହି ଦୁଇ ସାହିରେ କରୋନା ସଂକ୍ରମିତ ଚିହ୍ନଟ ହେବାରୁ ଏହାକୁ ପ୍ରତିହତ କରିବା ଲାଗି ଶୁକ୍ରବାର ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଏହି ପଦକ୍ଷେପ ନେଇଛନ୍ତି। ସଂପୃକ୍ତ ଅଞ୍ଚଳରେ ବ୍ୟାରିକେଡ କରାଯିବା ସହ ୧୪୪ ଧାରା ଜାରି ହୋଇଛି । ସେଠାରୁ କେହି ବାହାରକୁ ଓ ବାହାରୁ କେହି ସଂପୃକ୍ତ ଅଞ୍ଚଳରେ ପ୍ରବେଶ କରିପାରିବେନି ବୋଲି କଟକଣା ଜାରି ହୋଇଛି । କଣ୍ଟେନମେଣ୍ଟ ଜୋନକୁ ନିୟନ୍ତ୍ରଣ ଲାଗି ଆସିକା ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବକରଙ୍କୁ ଦାୟିତ୍ୱ ଦିଆଯାଇଛି। ସେଠାର ଜନସାଧାରଣଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଔଷଧ ଯୋଗାଣ ଲାଗି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ତହସିଲଦାର ସଦାନନ୍ଦ ସେଠୀ କହିଛନ୍ତି । ଅପରାହ୍ନରେ ଅଗ୍ନିଶମ ବିଭାଗ ସହାୟତାରେ ସାହି ଦୁଇଟିକୁ ବିଶୋଧିତ କରାଯାଇଥିଲା । ସନ୍ଧ୍ୟାରେ ତହସିଲଦାର ସେଠୀ, ବିଡିଓ ରୋଶନ ଶତପଥୀ, ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖ ସଂପୃକ୍ତ ଅଞ୍ଚଳକୁ ଯାଇ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ଅବଗତ କରିଛନ୍ତି। ସୂଚନାଯୋଗ୍ୟ, ସଂକ୍ରମିତ ଚିହ୍ନଟ ପରେ ପଞ୍ଚାୟତ ପକ୍ଷରୁ ଉକ୍ତ ଅଞ୍ଚଳକୁ ମିନି କଣ୍ଟେନମେଣ୍ଟ ଜୋନ ଘୋଷଣା ନିମନ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

## ସଂକ୍ଷେପରେ

### ଷ୍ଟେଟ୍ ବ୍ୟାଙ୍କ ସିଡିଏମ୍ କକ୍ଷରେ ଅଗ୍ନିକାଣ୍ଡ



**ବୁଗୁଡ଼ା,୧୬।୪(ଡି.ଏନ.ଏ.):** ବୁଗୁଡ଼ା ଷ୍ଟେଟ ବ୍ୟାଙ୍କ କାର୍ଯ୍ୟାଳୟ ପରିସର କ୍ୟାଶ୍ ଡିପୋଜିଟ୍ ମେଶିନ୍ ଥିବା କକ୍ଷରେ ଶର୍ଟସର୍କିଟ ଯୋଗୁ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। କୌଣସି ଗ୍ରାହକ ନ ଥିବା ବେଳେ ଶର୍ଟସର୍କିଟରୁ ବ୍ୟାଟେରିରେ ନିଆଁ ଲାଗିଯାଇଥିଲା। ଗାର୍ଡ ପ୍ରଥମେ ଏହା ଦେଖିଥିଲେ। ବ୍ୟାଙ୍କରେ ଥିବା ଅଗ୍ନି ନିର୍ବାପକ ସିଲିଣ୍ଡରରୁ ଗ୍ୟାସ୍ ପ୍ରୟୋଗ କରାଯାଇଥିଲେ ହେଁ ନିଆଁ ଲିଭି ନ ଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ଜଣାଯାଇଛି।

### ଏମ୍‌ପି ପାଣ୍ଠିରୁ ଆସିଲା ଅତ୍ୟାଧୁନିକ ଆମ୍ବୁଲାନ୍ସ

**ପାରଳାଖେମୁଣ୍ଡି,୧୬।୪:** (ଡି.ଏନ୍.ଏ.)-ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ହାତପାଣ୍ଠିରୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗୁରୁବାର ଅତ୍ୟାଧୁନିକ ଜୀବନରକ୍ଷକ ୧୦୮ ଆମ୍ବୁଲାନ୍ସ ଆସିଛି । ଗଜପତି ଜିଲାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଏକାଧିକ ୧୦୮ ଆମ୍ବୁଲାନ୍ସ ରହିଛି। ଏଗୁଡିକରେ କେବଳ ଅମ୍ଳଜାନ ବ୍ୟତୀତ ଆଉ କିଛି ସୁବିଧା ନ ଥିବାରୁ ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ଅନ୍ୟତ୍ର ନେବା ବେଳେ ରୋଗର ମୃତ୍ୟୁମୁଖରେ ପଡୁଥିଲେ। ବର୍ତ୍ତମାନର କରୋନା ମହାମାରୀ ସମୟରେ ଏମ୍‌ପିଙ୍କ ପାଣ୍ଠିରୁ ଜୀବନରକ୍ଷକ ଏହି ଆମ୍ବୁଲାନ୍ସ ଆସିଥିବାରୁ ଜିଲାବାସୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ଉକ୍ତ ଆମ୍ବୁଲାନ୍ସକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଦୀପ କୁମାର ପାତ୍ର ଏବଂ ବିଭାଗୀୟ କର୍ମଚାରୀ ତଥା ଫାର୍ମାସିଷ୍ଟ ଓ ଆମ୍ବୁଲାନ୍ସ ଚାଳକମାନେ ନିରୀକ୍ଷଣ କରିଥିଲେ। ସୂଚନାଯୋଗ୍ୟ, ବିଭିନ୍ନ ସମୟରେ ଜନସାଧାରଣଙ୍କ ପକ୍ଷରୁ ଦାବି ହେବାରୁ ଏମ୍‌ପି ସାହୁ ଆମ୍ବୁଲାନ୍ସ ପାଇଁ ୫୦ଲକ୍ଷ ଟଙ୍କା ନିଜ ହାତପାଣ୍ଠିରୁ ପ୍ରଦାନ କରିଥିଲେ। ଜନସାଧାରଣଙ୍କ ବୃହତ୍ତ ସ୍ୱାର୍ଥ ଦୃଷ୍ଟିରୁ ଜନପ୍ରତିନିଧି ହିସାବରେ ତାଙ୍କ କର୍ତ୍ତବ୍ୟ କରିଛନ୍ତି ବୋଲି ଏମ୍‌ପି କହିଛନ୍ତି।

### ସଂରକ୍ଷଣ ତାଲିକାରେ ଅନ୍ତର୍ଭୁକ୍ତ ନେଇ ସ୍ମାରକପତ୍ର

**ପୁରୁଷୋତ୍ତମପୁର,୧୬।୪(ଡି.ଏନ.ଏ.):** ଗଞ୍ଜାମ ଜିଲାରେ ବାସ କରୁଥିବା ଲିଆରି, ନିଆରି ଓ ଚୁଡୁଡିଆ ଜାତିକୁ ସଂରକ୍ଷଣ ତାଲିକାରେ ଅନ୍ତର୍ଭୁକ୍ତ କରିବା ଦାବିରେ କୁଳ ସମାଜ ପକ୍ଷରୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ଜାତିର ଜୀବିକା ଓ କୌଳିକ ବୃତ୍ତି ହେଉଛି ଚୁଡ଼ା କୁଟିବା, ଲିଆ, ମୁଢ଼ି, ଚଣା ଭାଜିବା। ଏହି ଜାତିର ଲୋକେ ଦୁର୍ଦ୍ଦଶାରେ ଜୀବନ କାଟୁଥିବାରୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏମାନଙ୍କୁ ଏସ୍‌ଇବିସି କିମ୍ବା ଓବିସି ସଂରକ୍ଷଣ ତାଲିକାରେ ସାମିଲ କରିବାକୁ କୁଳ ସମାଜ ପକ୍ଷରୁ ଦାବି କରାଯାଇଛି। ଏଥିରେ କେନ୍ଦ୍ରୀୟ ସଭାପତି ପ୍ରଫୁଲ୍ଲ ବେହେରା, ଉପ ସଭାପତି ପ୍ରତାପ ଚନ୍ଦ୍ର ବେହେରା, ସମ୍ପାଦକ ସୁରେଶ ବେହେରା, ଘୁମୁସୁର ତାଲୁକା ସଭାପତି କୃଷ୍ଣ ଚନ୍ଦ୍ର ବେହେରା, ବ୍ରହ୍ମପୁର ତାଲୁକା ସମ୍ପାଦକ ବାବୁଲି ବେହେରାଙ୍କ ସମେତ ବିଭିନ୍ନ ତାଲୁକାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପଞ୍ଚାୟତ ସମିତି ବୈଠକ

**ଆସିକା,୧୬।୪(ଡି.ଏନ୍.ଏ.):** ଆସିକା ବ୍ଲକ ଦେବଭୂମୀ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ଶୁକ୍ରବାର ଆସିକା ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା । କୋଭିଡ୍ କଟକଣା ମଧରେ ସାମାଜିକ ଦୂରତ୍ୱ ରକ୍ଷା କରି ହୋଇଥିବା ଏହି ବୈଠକରେ ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ ଅଧକ୍ଷତା କରିଥିଲେ । ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଉପାଧକ୍ଷା ସୁଜାତା ସ୍ୱାଇଁ, ବିଡିଓ ରୋଶନ ଶତପଥୀ, ତହସିଲଦାର ସଦାନନ୍ଦ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନା, ବିଭିନ୍ନ ପଞ୍ଚାୟତର ଜଳ ଓ ପରିମଳ ବ୍ୟବସ୍ଥା, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ଏମ୍‌ଜିଏନ୍‌ଆରଇଜିଏସରେ କେନ୍ଦ୍ର ଓ ରାଜ୍ୟ ଅନୁଦାନର ବିନିଯୋଗ, ଖାଦ୍ୟ ସୁରକ୍ଷା ଯୋଜନା ଓ ପରିବାର ମଙ୍ଗଳ ଏବଂ ମଧୁବାବୁ ପେନସନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ କରୋନା ଦ୍ୱିତୀୟ ଲହରର ପ୍ରତିହତ ନିମନ୍ତେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ଯତ୍ନବାନ ହେବାକୁ ଆହ୍ୱାନ ଦିଆଯାଇଥିଲା ।

# ରକ୍ତଦାନ କଲେ ୪୭ କର୍ମଚାରୀ



ଉପ ଜିଲାପାଳ ରକ୍ତଦାନ କରୁଛନ୍ତି ।

**ଭଞ୍ଜନଗର,୧୬।୪(ଡି.ଏନ.ଏ)**

## ଭଞ୍ଜନଗର ଉପଖଣ୍ଡ ପ୍ରଶାସନର ପ୍ରୟାସ

ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଭିନବ ପ୍ରୟାସ ଯୋଗୁ କର୍ମଚାରୀମାନେ କେତେବେଳେ ମନୋରଞ୍ଜନ ପାଇଁ କ୍ରିକେଟ ଖେଳୁଛନ୍ତି ତ କେତେବେଳେ ରକ୍ତଦାନ କରୁଛନ୍ତି। ଶୁକ୍ରବାର ଭଞ୍ଜନଗର ଉପଖଣ୍ଡର ବେଲଗୁଣ୍ଠା ତହସିଲକୁ ଛାଡ଼ି ୭ଟି ତହସିଲ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ରକ୍ତଦାନ କରିଥିଲେ। ଭଞ୍ଜନଗର ରକ୍ତଭଣ୍ଡାର ପରିସରରେ ଏକ ସ୍ୱତନ୍ତ୍ର ଶିବିରରେ ଉପ ଜିଲାପାଳ ମିଞ୍ଜଙ୍କ ସମେତ ୪୭ଜଣ ରକ୍ତଦାନ କରିଥିଲେ । ରକ୍ତ ଭଣ୍ଡାର କର୍ମଚାରୀ ଓ ଭଞ୍ଜନଗର ତହସିଲଦାର ଆଲୋକ ପ୍ରଧାନ ପ୍ରମୁଖ ଶିବିରରେ ସହଯୋଗ କରିଥିଲେ । ଗତବର୍ଷ ମଧ ଏହିସମୟରେ ଉପଖଣ୍ଡର ୮୮ଜଣ କର୍ମଚାରୀ ରକ୍ତଦାନ କରିଥିଲେ ।ସୂଚନାଯୋଗ୍ୟ, ଗ୍ରୀଷ୍ମ ଋତୁ ସହ କରୋନାର ଦ୍ୱିତୀୟ ଲହର ଯୋଗୁ ଲୋକେ ରକ୍ତଦାନ କରୁନାହାନ୍ତି। ଫଳରେ ରକ୍ତଭଣ୍ଡାରରେ ଆବଶ୍ୟକ ଅନୁଯାୟୀ ରକ୍ତ ରହୁନି। ଉପଜିଲାପାଳଙ୍କ ଉଦ୍ୟମକ୍ରମେ ଗତ କିଛିଦିନ ହେବ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ହେଉଛି ।

# ବିନା ନୋଟିସ୍‌ରେ ବ୍ୟାଙ୍କ ବନ୍ଦ, ଗ୍ରାହକ ନିରାଶ

**ନୂଆଗଡ଼,୧୬।୪**

ନୂଆଗଡ଼ ବ୍ଲକ ଖଜୁରିପଦା ପଞ୍ଚାୟତ ବି ଖଜୁରିପଦା ଏସ୍‌ବିଆଇ ବ୍ୟାଙ୍କ ଶୁକ୍ରବାର ବିନା ନୋଟିସ୍‌ରେ ବନ୍ଦ ରହିଥିବାରୁ ଗ୍ରାହକମାନେ ନିରାଶ ହୋଇ ଫେରିଛନ୍ତି। ବିଭିନ୍ନ ଗ୍ରାମରୁ ଗ୍ରାହକମାନେ ଟଙ୍କା ଉଠାଣ ବା ଜମା କରିବା ପାଇଁ ଏଠାକୁ ଆସିଥିଲେ। କିନ୍ତୁ ବିନା ସରକାରୀ ଛୁଟି ବା ନୋଟିସରେ କର୍ମଚାରୀମାନେ ବ୍ୟାଙ୍କରେ ତାଲା ପକାଇ ଘରକୁ ଚାଲିଯାଇଥିଲେ। ଆର୍‌ଏମ୍ ବିକ୍ରମ କୁମାର ମନ୍ଦାତାଙ୍କ ସୂଚନାନୁଯାୟୀ, ବିଏମ ବିରେନ୍ଦ୍ର କୁମାର ସୁନାନୀ ଅସୁସ୍ଥ ଥିବାରୁ ସେ ଘରକୁ ଯାଇଛନ୍ତି। ନିକଟସ୍ଥ ଆର.ଉଦୟଗିରି ଏସ୍‌ବିଆଇ ବ୍ୟାଙ୍କରୁ କର୍ମଚାରୀ ଉକ୍ତ ବ୍ୟାଙ୍କର ଦାୟିତ୍ୱ ନେବା ପାଇଁ ଆର୍‌ଏମ ପ୍ରକାଶ କରିଥିଲେ। ଅନ୍ୟପଟେ କିଛି ଗ୍ରାହକ ନିକଟସ୍ଥ ଏଟିଏମ୍‌କୁ ଟଙ୍କା ଉଠାଣ ପାଇଁ ଯାଇଥିଲେ ମଧ ସେଥିରେ ଟଙ୍କା ଜମା ନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ




ଶ୍ରୀକୃଷ୍ଣଶରଣପୁରରେ ତହସିଲଦାରଙ୍କ ଦ୍ୱାରା ପଟ୍ଟା ବଣ୍ଟନ।

**ଖଲ୍ଲିକୋଟ,୧୬।୪(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ଶୁକ୍ରବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ରାଜ କିଶୋର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାସ, ରେଭିନ୍ୟୁ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ, ସରପଞ୍ଚ ରବୀନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୨୪ ହିତାଧିକାରୀଙ୍କୁ ଘର ଓ ଜମିପଟ୍ଟା ବଣ୍ଟନ ହୋଇଥିଲା। ସେହିପରି ଶ୍ରୀକୃଷ୍ଣଶରଣପୁରର ମଶାଣି ଜମିକୁ ସେଟଲମେଣ୍ଟ ସମୟରେ ଜଣେ ବ୍ୟକ୍ତି ନିଜ ନାମରେ ପଟ୍ଟା କରାଇଥିବା ଗ୍ରାମର ରାଘବ ତରାଇ, ପଦ୍ମନାଭ ରଥ, ଲକ୍ଷ୍ମଣ ରଥ, ସୀମାଞ୍ଚଳ ଦାସ, ଶେଖର ତରେଇଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ତହସିଲଦାର ଏହାର ତଦନ୍ତ କରି ରିପୋର୍ଟ ଦେବା ପାଇଁ କେଶପୁର ଆରଆଇ ମୀନକେତନ ଶବରଙ୍କୁ ଦାୟିତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ ରାମଚନ୍ଦ୍ର ପାହାନଙ୍କ ସମେତ ରାଜସ୍ୱ କର୍ମଚାରୀ ଗୋଦାବରୀ ପ୍ରଧାନ, ତହସିଲ ହେଡକ୍ଲର୍କ ସଦାନନ୍ଦ ଶବର ପ୍ରମୁଖ ଉପସ୍ଥିତ ଥିଲେ।

**ପୋଲସରା:** ପୋଲସରା ତହସିଲ ଜକର ପଞ୍ଚାୟତରେ ଆୟୋଜିତ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମରେ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୪ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ରାଜସ୍ୱ ନିରୀକ୍ଷକ ଭରତ ନାହାକ, ସରପଞ୍ଚ ଶଙ୍କର ସେଠୀ, ସମିତିସଭ୍ୟ ପ୍ରତିନିଧି ଶଙ୍କର ନାହାକ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବସନ୍ତ ବିହାର କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା

**ପାରଳାଖେମୁଣ୍ଡି,୧୬।୪(ଡି.ଏନ୍.ଏ.)**

ଗଜପତି ଜିଲାରେ ଶୁକ୍ରବାର ପୁଣି ୧୮ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିରେ ପାରଳାଖେମୁଣ୍ଡି ସହରରୁ ୧୬ ଜଣ, ଗୋସାଣି ବ୍ଲକରୁ ୨ ଜଣ ଅଛନ୍ତି। ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୪୨୦୫ ଥିବା ପ୍ରଶାସନ ପକ୍ଷରୁ ପ୍ରେସ ବିବୃତିରେ ସୂଚନା ମିଳିଛି । ଏହି ଦ୍ୱିତୀୟ ଲହର କରୋନା ଆକ୍ରାନ୍ତ ସଂଖ୍ୟା ୧୧୬ ରେ ପହଞ୍ଚିଛି। ପାରଳାଖେମୁଣ୍ଡି ପୌରପାଳିକାର ବସନ୍ତ ବିହାରରେ ବହୁମାତ୍ରରେ କୋରନା ସଂକ୍ରମଣ ଚିହ୍ନଟ ହୋଇଥିବାରୁ ପ୍ରଶାସନ ତରଫରୁ ଏହାକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଲୋକଙ୍କୁ କଣ୍ଟେନ୍‌ମେଣ୍ଟ ଜୋନ ଭିତରକୁ ପ୍ରବେଶକୁ ବାରଣ କରିବା ପାଇଁ ବ୍ୟାରିକେଡିଂ ମଧ କରାଯାଇଛି। ସମସ୍ତ ଆକ୍ରାନ୍ତଙ୍କୁ ହୋମ ଆଇସୋଲେଶନରେ ରଖାଯାଇଛି।




ବସନ୍ତ ବିହାରରେ ବ୍ୟାରିକେଡ୍ କରାଯାଇଛି।

# ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

**ବାଲିଗୁଡ଼ା,୧୬।୪.(ଡି.ଏନ.ଏ.)**

ବାଲିଗୁଡ଼ା ଉପଖଣ୍ଡ କୋଟଗଡ଼ ବ୍ଲକର ମାର୍ଲାଙ୍ଗା ପଞ୍ଚାୟତର ସାଲକି ସିତାଗୁଡ଼ି ଗାଁରେ ବାରହା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ରୋହିତ ପାଟମାଝୀ। ରୋହିତ ପରିବାର ଲୋକଙ୍କ ସହ ହଳଦୀ ଖୋଳୁଥିବା ସମୟରେ ହଠାତ୍ ଏକ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ରୋହିତଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ଗଜାନନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଚିକିଟି,୧୬।୪(ଡି.ଏନ.ଏ.)**

ଚିକିଟି ବ୍ଲକ କଲବାଡରେ ଚାଲିଥିବା ଶ୍ରୀଗଜାନନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ କମାଗାଁ ଟିମକୁ ହରାଇ ତିତିଗାଁ ଟିମ୍ ବିଜୟୀ ହୋଇଛି। ମ୍ୟାଚରେ ସମ୍ମାନିତ ଅତିଥି ଭାବେ ଚିକିଟି ବ୍ଲକ ଭାଇସ ଚେୟାରମ୍ୟାନ ସଚ୍ଚିଦାନନ୍ଦ ପଣ୍ଡା ଯୋଗଦେଇ ବିଜେତା ଟିମ୍‌କୁ ଟ୍ରଫି ସହ ୧୦,୦୦୦ ଟଙ୍କା ଏବଂ ଉପବିଜେତା ଟିମକୁ ଟ୍ରଫି ସହ ୭୦୦୦ ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ତିତିଗାଁର ସୁରେଶ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ନାରାୟଣଙ୍କୁ ପୁରସ୍କୃତ କରିଥିଲେ। ବେଷ୍ଟ ବ୍ୟାଟସମ୍ୟାନ୍ ଭାବେ ସୁରେଶ, ବେଷ୍ଟ ବୋଲର ଭାବେ ସୁମନ ଓ ବେଷ୍ଟ ସିକ୍ସର ଭାବେ ଭେଙ୍କିଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ରୂପେ କାହ୍ନୁ ମହାରଣା, ଏମ. କୁରେସ୍ତୁ, ଧାରା ବିବରଣୀ ତ୍ରିଲୋଚନ ବେଜ, ବିଜୟ ଗୌଡ଼, ପ୍ରମୋଦ ପାତ୍ର ଓ ସ୍କୋରର ରୂପେ କିଶାନ ପ୍ରଧାନ, ପପୁନ ପ୍ରଧାନ କାର୍ଯ୍ୟ କରିଥିଲେ।



ଅତିଥିଙ୍କ ଦ୍ୱାରା ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ଅନ୍‌ଲାଇନ ପରୀକ୍ଷା ଦାବିରେ ଧାରଣା



ଗଞ୍ଜାମ କଲେଜ ଗେଟ ଆଗରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି।



ଛତ୍ରପୁର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଛତ୍ରପୁର/ଗଞ୍ଜାମ, ୧୬।୪ (ଡି.ଏନ୍.ଏ.)**

କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ ବ୍ୟାପୁଥିବା ବେଳେ ସରକାର ତଥା ଶିକ୍ଷା ବିଭାଗ ଅଫଲାଇନ୍ ପରୀକ୍ଷାକୁ ଅନୁମତି ଦେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନଲାଇନ ମାଧ୍ୟମରେ ଯୁକ୍ତ ୩ ସେମିଷ୍ଟର ପରୀକ୍ଷା କରିବା ଦାବି ନେଇ ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଶୁକ୍ରବାର ତୃତୀୟ ସେମିଷ୍ଟାର ପରୀକ୍ଷା ଅନ୍‌ଲାଇନରେ କରିବା ଦାବି ନେଇ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସରକାର ନିର୍ଦ୍ଦେଶରେ ପରିବର୍ତ୍ତନ କରି ଅନଲାଇନରେ ପରୀକ୍ଷା କରାଇବାକୁ ଦାବି କରିଥିଲେ। ଏନେଇ ଭାରପ୍ରାପ୍ତ ଅଧକ୍ଷା ଡ଼. ପିଙ୍କିରାଣୀ ଦେଇଙ୍କ ଜରିଆରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୯ରେ ପରୀକ୍ଷା ଅଫଲାଇନରେ କରାଗଲେ ଛାତ୍ରଛାତ୍ରୀମାନେ ଏହାକୁ ବର୍ଜନ କରିବେ ବୋଲି କଚେତାବନୀ ଦେଇଛନ୍ତି। ଅଧକ୍ଷା ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ବୁଝାଶୁଝା କଲା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଛି। ମହେଶ ଗୌଡ, ପବିତ୍ର ସ୍ୱାଇଁ, ରାକେଶ କୁମାର ଆଚାର୍ଯ୍ୟ, ଚକ୍ରପାଣି ପଲାଇ, ସ୍ୱାତୀଶିଖା ମୁନି, ଆଦିତ୍ୟ କୁମାର ଦାଶ, ରାଜେଶ କୁମାର ପଲାଇ, ସୁବ୍ରତ କୁମାର ପାତ୍ରଙ୍କ ସମେତ ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

ସେହିପରି ଗଞ୍ଜାମ କଲେଜ ଗେଟ୍ ସମ୍ମୁଖରେ ଉକ୍ତ କଲେଜର ଛାତ୍ରୀଛାତ୍ରମାନେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଲେଜ ଅଧକ୍ଷ ଡ. ପି.କେ. ନନ୍ଦ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ବୁଝାଇଥିଲେ। ଏହି ସମୟରେ ଛାତ୍ରମାନଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବା ସହ ଉଚ୍ଚଶିକ୍ଷା ବିଭାଗ ଦାବି ପ୍ରତି କର୍ଣ୍ଣପାତ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରିବା ସହ ପରୀକ୍ଷା ବର୍ଜନ କରିବେ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଛାତ୍ର ନେତା ମାନସ ରଞ୍ଜନ ସ୍ୱାଇଁଙ୍କ ସହ ଆଶୁତୋଷ ବାରିକ, ଔରୋ ଆଶିଷ ମହାରଣା, ଶିଶିର କୁମାର ପ୍ରଧାନ, ଦ୍ୱିତୀକୃଷ୍ଣ ନାହାକ, ଲିପୁ ସାହୁ, ସୁମନ ଗୌଡ଼ ପ୍ରମୁଖ ସାମିଲ ଥିଲେ।

